☎ : 0661-2600689

# ROURKELA LAW COLLEGE

ROURKELA - 769010










## UTKAL Divas Celebration

☎ : 0661-2600689

# ROURKELA LAW COLLEGE

ROURKELA - 769010

## ‘ପୁରୁଷ ଭଳି ସବୁକ୍ଷେତ୍ରରେ ନାରୀର ସମାନ ଅଧିକାର ରହିଛି’

### ଆଇନ୍ ମହାବିଦ୍ୟାଳୟ, ତାଲୁକ ଆଇନ ସେବା ସମିତିର ଆନ୍ତର୍ଜାତିକ ମହିଳା ଦିବସ



ରାଉରକେଲା,୮।୩(ଆ.ପ୍ର.): ପୁରୁଷ ଭଳି ସବୁକ୍ଷେତ୍ରରେ ନାରୀର ସମାନ ଅଧିକାର ରହିଛି । ଆମ ସମ୍ବିଧାନ ଓ ଆଇନରେ ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ରହିଛି ବୋଲି ରାଉରକେଲା ଆଇନ୍ ମହାବିଦ୍ୟାଳୟ ଓ ତାଲୁକ ଆଇନ୍ ସେବା ସମିତି, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଅନ୍‌ଲାଇନ୍ ୱେବିନାରରେ ମତପ୍ରକାଶ ପାଇଛି । ପ୍ରଥମ ଏଡିଜେ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଦୀପକ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବକ୍ତା ଭାବେ ରାଉରକେଲାର ଦ୍ୱିତୀୟ ଏଡିଜେ ସଦାଶିବ ଜେନା ଯୋଗଦେଇ ବ୍ୟାସକବି ଫକିରମୋହନଙ୍କ ପ୍ରସିଦ୍ଧ ‘ରେବତୀ’ ଗଳ୍ପରୁ ନାରୀ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମହିଳା ପୁଲିସ ବିନା ନାରୀକୁ ଗିରଫ କରାନଯିବା ଓ ମହିଳାଙ୍କ ସୁରକ୍ଷା ପାଇଁ ଆଇନରେ ଥିବା ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ । ରାଉରକେଲା ସିଭିଲ ଜଜ-କମ୍-ଜେଏମ୍ଏଫ୍‌ସି ରଜତ କୁମାର ପଣ୍ଡା ଜମିଜମା ମାମଲା ଓ ସମ୍ପତ୍ତିର ଅଧିକାର କ୍ଷେତ୍ରରେ ପୁରୁଷଙ୍କ ସହିତ ମହିଳାଙ୍କ ସମାନ ଅଧିକାର ରହିଛି ବୋଲି କହିଥିଲେ । ରୁରାଲ ଜେଏମ୍ଏଫ୍‌ସି ସିଦ୍ଧାର୍ଥ ଶଙ୍କର ସେନାପତି ଘରୋଇ ହିଂସା, ନାରୀ ନିର୍ଯାତନା, ଯୌନ ଶୋଷଣ କ୍ଷେତ୍ରରେ ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଜେଏମ୍ଏଫ୍‌ସି ବିଦ୍ୟୁତ୍‌ଲତା ପ୍ରଧାନ ପ୍ରମୁଖ ଯୋଗଦାନ କରି ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏସଡିଜେଏମ ରଂଜନ କୁମାର ପ୍ରଧାନ, ଜେଏମଏଫସି ଇତିଶ୍ରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ପାଠଚକ୍ରରେ ଯୋଗ ଦେଇଥିବା ବିଦ୍ୟାର୍ଥୀ ଓ ଆଲୋଚକଙ୍କୁ ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ସ୍ୱାଗତ କରିବା ସହ ପାଠଚକ୍ରର ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ତନ୍ମୟରାଜ ପାଢ଼ୀ ଆଜିର ସାମାଜିକ ଚଳଣୀ ପରିପ୍ରେକ୍ଷୀରେ ମହିଳାମାନଙ୍କ ଭୂମିକାର ଆବଶ୍ୟକତା ଉପରେ ଉଲ୍ଲେଖ କରିଥିଲେ । ପାଠଚକ୍ରକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ ମନୋରଞ୍ଜନ ମହାନ୍ତି, ସହାୟିକା କିରାଣୀ ସୁଜାତା ନାୟକ, ଦେବାଶିଷ ବେହେରା ଓ ଅକ୍ଷୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।



**International Women’s Day**

☎ : 0661-2600689

# ROURKELA LAW COLLEGE

ROURKELA - 769010




**Legal Aid Service Day**




**Human Right's Day**

☎ : 0661-2600689

# ROURKELA LAW COLLEGE

ROURKELA - 769010










**YRC Programme**

☎ : 0661-2600689

# ROURKELA LAW COLLEGE

ROURKELA - 769010




## ଆଇନ ମହାବିଦ୍ୟାଳୟରେ ଆଇନଜୀବୀ ଦିବସ

ରାଉରକେଲା,୩୦।୪(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ଜୟନ୍ତୀ ଅବସରରେ ଏକ ୱେବିନାର୍ ମାଧ୍ୟମରେ "ଆଇନଜୀବୀ ଦିବସ"ପାଳନ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ସୁପ୍ରିମ କୋର୍ଟ ତଥା ଓଡ଼ିଶା ହାଇ କୋର୍ଟର ଆଇନଜୀବୀ ବିବେକ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଶ୍ରୀ ମହାନ୍ତି ବକ୍ତବ୍ୟରେ ମଧୁବାବୁଙ୍କର ଓଡ଼ିଶା ପ୍ରତି ଆନ୍ତରିକତା ଓ ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ସମର୍ପଣର ସୂଚନା ଦେଇଥିଲେ। ଏହି ସମ୍ବନ୍ଧରେ ସେ ଶ୍ରୀ ଜଗନ୍ନାଥଙ୍କ ଜମି ମାମଲା ତଥା ଘର ମାଲିକ ଓ ଭଡ଼ାଟିଆର ରୟତି ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ମଧୁବାବୁଙ୍କ ଜୀବନକୁ ଅନୁସରଣ କରି ତାହାକୁ କର୍ମକ୍ଷେତ୍ରରେ କାର୍ଯ୍ୟକାରୀ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରାଙ୍କ ଉପସ୍ଥିତିରେ ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେ ମଧୁବାବୁଙ୍କ ଜୀବନୀ ଏବଂ ନ୍ୟାୟ ପାଇଁ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ, ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା ଏବଂ ପ୍ରଜ୍ଞା ପାରମିତା ପଣ୍ଡା ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ତନ୍ମୟ ରାଜ ପାଢୀ ଧନ୍ୟବାଦ ଦେଇଥିଲେ।

**Lawyer's Day**